ସମ୍ପାଦକୀୟ
24 YEARS
ସମ୍ବାଦ କଳିକା

ଭାରତ ପାଇଁ ସତର୍କ ଘଣ୍ଟି

ଜଳବାୟୁ ପରିବର୍ତ୍ତନକୁ ନେଇ ଏବେ ଏକ ବଡ ସୂଚନା ମିଳିଛି । ଜଳବାୟୁ ପରିବର୍ତ୍ତନ ଯୋଗୁ ସମଗ୍ର ବିଶ୍ୱ କ୍ଷତିଗ୍ରସ୍ତ ହେଉଥିବା ବେଳେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ଭାରତ ହେଉଛି ବୋଲି ଏ ସମ୍ପର୍କିତ ଜାତିସଂଘ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଜଳବାୟୁ ପରିବର୍ତ୍ତନ ଯୋଗୁ ପ୍ରତିବର୍ଷ ଭାରତରେ ୩୬୦୦ ଲୋକ ମୃତ୍ୟୁବରଣ କରୁଛନ୍ତି । ଏହି ସଂଖ୍ୟା ଆଗାମୀ ଦିନରେ ଆହୁରି ବୃଦ୍ଧି ପାଇବ ବୋଲି କୁହାଯାଇଛି । ଜଳବାୟୁ ପରିବର୍ତ୍ତନ ଯୋଗୁ ଏହାର ପ୍ରଭାବ ସବୁଠାରୁ ଅଧିକ ମୌସୁମୀ ଉପରେ ପଡୁଛି । ଗ୍ରୀଷ୍ମ ଋତୁରେ ବର୍ଷା ହୋଇ ବନ୍ୟା । ଆଉ କେତେକ ଜାଗାରେ ମରୁଡି ପରିସ୍ଥିତି ସୃଷ୍ଟି ହେବା ସାଧାରଣ ଜୀବନଯାତ୍ରାକୁ ବହୁମାତ୍ରାରେ ପ୍ରଭାବିତ କରୁଛି । ରିପୋର୍ଟ ଅନୁଯାୟୀ ପ୍ରତିବର୍ଷ ଏହି ଜଳବାୟୁ ପରିବର୍ତ୍ତନ ଯୋଗୁ ବିଶ୍ୱର ଉତ୍ତାପ ବୃଦ୍ଧି ପାଇବାରେ ଲାଗିଛି । ଜଳବାୟୁ ପରିବର୍ତ୍ତନ ଯୋଗୁ ଏସିଆରେ ତାପମାତ୍ରା ୫୦ ଡିଗ୍ରୀ ପର୍ଯ୍ୟନ୍ତ ପହଞ୍ଚିଗଲାଣି । ବାରମ୍ବାର ଆସୁଥିବା ସାମୁଦ୍ରିକ ଝଡ ଦ୍ୱାରା କାରବିଆନ୍, ଆଟଲାଣ୍ଟିକ୍ ଓ ଏପରିକି ଆୟାରଲାଣ୍ଡରେ ବ୍ୟାପକ କ୍ଷୟକ୍ଷତି ହେଉଛି । ଏହା ବ୍ୟତୀତ ପୂର୍ବ ଆଫ୍ରିକା ମରୁଡିଗ୍ରସ୍ତ ହୋଇରହୁଛି । ଭାରତୀୟ ପାଣିପାଗ ବିଭାଗର ‘ଡାଉନ୍ ଟୁ ଆର୍ଥ’ ତଥ୍ୟ ଅନୁଯାୟୀ ଓଡ଼ିଶା, ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଓ କେରଳରେ ନିକଟରେ ହୋଇଥିବା ସାମୁଦ୍ରିକ ଝଡର କାରଣ ମଧ୍ୟ ଜଳବାୟୁ ପରିବର୍ତ୍ତନ ଯୋଗୁ ସମ୍ଭବ ହୋଇଛି । ଏହି ସମୟରେ ବଙ୍ଗୋପସାଗର ଓ ଆରବସାଗରରେ ୧୩ଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିଲା । ଯାହାକି ଗତ ୨୬ବର୍ଷର ରେକର୍ଡକୁ ଭାଙ୍ଗି ଦେଇଛି । ଗବେଷକଙ୍କ ଅନୁଯାୟୀ ଜଳବାୟୁ ପରିବର୍ତ୍ତନର ଅଭାବ ଯୋଗୁ ସାମୁଦ୍ରିକ ଝଡର ଗତିବିଧି କେବଳ ବଢିବାରେ ନୁହେଁ ବରଂ ତାପମାନ ବୃଦ୍ଧି ଓ ବର୍ଷା ହ୍ରାସ ରୂପରେ ମଧ୍ୟ ଦେଖାଯାଉଛି । ମନେ କରାଯାଉଛି ଯେ, ଚଳିତ ଦଶନ୍ଧି ଶେଷ ସୁଦ୍ଧା ତାମିଲନାଡୁର ତାପମାତ୍ରା ୩.୧ ଡିଗ୍ରୀ ସେଲ୍‌ସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇବ । ସେହିପରି ବର୍ଷାରେ ୪ ପ୍ରତିଶତ ହ୍ରାସ ହେବ । ଜଳବାୟୁ ପରିବର୍ତ୍ତନ ଯୋଗୁ ମୌସୁମୀରେ ଦେଖାଯାଉଥିବା ବିସଙ୍ଗତି ପାଇଁ ପ୍ରତିବର୍ଷ ଭାରତରେ ୩୬୬୦ ଲୋକଙ୍କର ମୃତ୍ୟୁ ହେଉଛି । ନିକଟରେ ଜାରି କରାଯାଇଥିବା ଏକ ରିପୋର୍ଟରେ ୧୯୯୮ ରୁ ନେଇ ୨୦୧୭ ପର୍ଯ୍ୟନ୍ତ ତଥ୍ୟ ପ୍ରଦାନ କରାଯାଇଛି । ଏହି ରିପୋର୍ଟରେ କୁହାଯାଇଛି ଯେ, ଖରାପ ମୌସୁମୀ ଯୋଗୁ ଘଟୁଥିବା ଘଟଣାରେ ବିଗତ ୨୦ ବର୍ଷ ମଧ୍ୟରେ ସମଗ୍ର ବିଶ୍ୱରେ ୫.୨ ଲକ୍ଷ ଲୋକଙ୍କର ମୃତ ହୋଇଛି । ସେଥି ମଧ୍ୟରୁ ସବୁଠାରୁ ଅଧିକ ମୃତ୍ୟୁ ମ୍ୟାମାରରେ ହୋଇଥିବା ଜଣାପଡିଛି ।

ଦ୍ୱିତୀୟ ସ୍ଥାନରେ ରହିଛି ଭାରତ । ତଥ୍ୟ ଅନୁଯାୟୀ ଭାରତରେ ୨୦୧୭ରେ ଖରାପ ପାଗ ଯୋଗୁ ଆସିଥିବା ବନ୍ୟା, ପ୍ରବଳ ବର୍ଷା ଓ ଝଡତୋଫାନ୍ ୨, ୭୩୬ ଲୋକଙ୍କ ଜୀବନ ନେଇଛି । ଏହି ରିପୋର୍ଟ ଜର୍ମାନ ୱାର୍କ୍ସ ଦ୍ୱାରା ଜାରି କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଖରାପ ପାଗ ପାଇଁ ଘଟୁଥିବା ଘଟଣାରେ ସମ୍ପତ୍ତିର ମଧ୍ୟ ବ୍ୟାପକ କ୍ଷୟକ୍ଷତି ହୋଇଛି । ବିଗତ ଦୁଇଦଶକ ମଧ୍ୟରେ ଭାରତକୁ ୬୭.୨ ବିଲିୟନ୍ ଡଲାରର କ୍ଷତି ହୋଇଛି । ଅପରପକ୍ଷରେ ବିଶ୍ୱସ୍ତରରେ ୩.୪୭ ଟ୍ରିଲିୟନ ଡଲାରର କ୍ଷୟକ୍ଷତି ହୋଇଛି । ବିଶ୍ୱ ପାଣିପାଗ ସଂଗଠନ ଅନୁଯାୟୀ ବାତାବରଣରେ କାର୍ବନ ଡାଇଅକସାଇଡ୍‌ର ଉତ୍ସର୍ଜନ ୨୦୧୬ରେ ବହୁମାତ୍ରାରେ ବୃଦ୍ଧି ପାଇଛି । ସଂଗଠନ ପକ୍ଷରୁ କୁହାଯାଇଛି ଯେ, ମାନବିକ ଗତିବିଧି ଏବଂ ଶକ୍ତିଶାଳୀ ଅଲ ନିନୋ ଯୋଗୁ କାର୍ବନଡାଇଅକ୍ସାଇଡ୍ ସାନ୍ଦ୍ରତାରେ ବିଶ୍ୱସ୍ତରରେ ୨୦୧୫ରେ ୪୦୦.୦୦ ପିପିଏଲ୍‌ରୁ ବୃଦ୍ଧି ପାଇ ୨୦୧୬ରେ ୪୦୩.୩ ପିପିଏଲ୍ ପର୍ଯ୍ୟନ୍ତ ପହଞ୍ଚିଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଅଲ୍‌ନିନୋ ଏଭଳି ଏକ ମୌସୁମୀ ପରିସ୍ଥିତି ଯାହାକି ପ୍ରଶାନ୍ତ ମହାସାଗରର ପୂର୍ବ ଭାଗ ଅର୍ଥାତ୍ ଦକ୍ଷିଣ ଆମେରିକାର ତଟବର୍ତ୍ତ ଭାଗରେ ମହାସାଗରରେ ଜଳର ତାପମାତ୍ରା ବୃଦ୍ଧି ଯୋଗୁ ସୃଷ୍ଟି ହୋଇଥାଏ । ବିଶ୍ୱ ପାଣିପାଗ ସଂଗଠନର ମୁଖ୍ୟ ପଟ୍ଟେରି ଟାଲାସ୍ ପ୍ରକାଶ କରିଛନ୍ତି ଯେ, କାର୍ବନଡାଇଅକ୍ସାଇଡ୍ ଓ ଗ୍ରୀନ୍ ହାଉସ୍ ଉତ୍ସର୍ଜନର ତୁରନ୍ତ ହ୍ରାସ ବିନା ଏହା ଉପରେ ନିୟନ୍ତ୍ରଣ କରାଯାଇ ପାରିବ ନାହିଁ । ଜାତିସଂଘର ରିପୋର୍ଟ ଅନୁଯାୟୀ ବର୍ତ୍ତମାନ ସ୍ଥିତିରେ କାର୍ବନଡାଇଅକ୍ସାଇଡ୍‌ର ଉତ୍ସର୍ଜନ ସବୁଠାରୁ ଅଧିକ ରହିଛି । ପୂର୍ବରୁ ପୃଥିବୀ ଉପରେ ଏହି ଭଳି ସାନ୍ଦ୍ରତା ସ୍ତର ୩୦ରୁ ୫୦ ବର୍ଷ ପୂର୍ବେ ଥିଲା । ସେ ସମୟରେ ସମୁଦ୍ରସ୍ତର ବର୍ତ୍ତମାନ ତୁଳନାରେ ୨୦ ମିଟର ଉଚ୍ଚଥିଲା । ବର୍ତ୍ତମାନ ପୃଥିବୀର ତାପମାନ ୧୬ ଡିଗ୍ରୀ ସେଲ୍‌ସିଅସ୍ ନିକଟରେ ରହିଛି । କିନ୍ତୁ ୧୯୫୧ରୁ ୧୯୮୦ ମଧ୍ୟରେ ପୃଥିବୀର ତାପମାନ ୧୪ ଡିଗ୍ରୀ ସେଲ୍‌ସିଏଲ୍ ଥିଲା । । ସେହିପରି ୧୮୮୦ରେ ଏହି ତାପମାତ୍ରା ମାତ୍ର ୧୩ ଡିଗ୍ରୀ ଥିଲା । ଏହି ତାପମାତ୍ରା ଗ୍ଲାସିୟରକୁ ତୀବ୍ର ତରଳାଇବାରେ ଲାଗିଛି । ଯାହାର ଫଳାଫଳ ହେଉଛି ବିଶ୍ୱରେ ଥିବା ଚାରୋଟି ମହାସାଗରରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ପୃଥିବୀରେ ବୃଦ୍ଧି ପାଉଥିବା ଏହି ତାପମାନ ପଛରେ କୌଣସି ପ୍ରାକୃତିକ କାରଣ ନାହିଁ । ବରଂ ମନୁଷ୍ୟକୃତ ଉତ୍ପାଦନ ଓ ନିର୍ମାଣ ଗତିବିଧି ଯୋଗୁ ପୃଥିବୀର ତାମପାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଏକ ରିପୋର୍ଟ ଅନୁଯାୟୀ ୨୦୧୭ରେ ସମଗ୍ର ବିଶ୍ୱରେ ମନୁଷ୍ୟକୃତ କାର୍ଯ୍ୟ ଯୋଗୁ ଯେତିକି ଉତ୍ତାପ ବୃଦ୍ଧିପାଇଛି ତାହା ହିରୋସୀମାର ୪ ଲକ୍ଷ ପରମାଣୁ ବୋମା ସହିତ ସମକକ୍ଷ । ୧୯୫୦ ପରେ ଏହି ଉତ୍ତାପ ବୃଦ୍ଧିର ସବୁଠାରୁ ବଡ କାରଣ ହେଉଛି ଗ୍ରୀନ୍ ହାଉସ୍ ।

ତେଣୁ କହିବାର କଥା ହେଉଛି ଜଳବାୟୁ ପରିବର୍ତ୍ତନ ଆଜି ସମଗ୍ର ବିଶ୍ୱ ପାଇଁ ଏକ ଗୁରୁତର ସମସ୍ୟା ସୃଷ୍ଟି କରୁଛି । ସାଧାରଣ ଭାବେ ଜଳବାୟୁ ବଦଳିବାରେ ବହୁ ସମୟ ଲାଗେ । ଆଉ ଏହି ପରିବର୍ତ୍ତନ ସହିତ ପୃଥିବୀ ପୃଷ୍ଠରେ ରହିଥିବା ସମସ୍ତ ଜୀବଜନ୍ତୁ ସେ ମଣିଷ ହେଉନା କାହିଁକି ଖୁବ୍‌ଶୀଘ୍ର ସାମଞ୍ଜସ୍ୟ ରକ୍ଷା କରିଥାନ୍ତି । ଗତ ୧୫୦ରୁ ୨୦୦ ବର୍ଷର କଥା ଯଦି କହିବା ତେବେ ଜଳବାୟୁ ପରିର୍ତ୍ତନ ଏତେ ତୀବ୍ର ମାତ୍ରାରେ ବୃଦ୍ଧି ପାଇଛି ଯେ, ମଣିଷ ଠାରୁ ନେଇ ବନସ୍ପତି ପର୍ଯ୍ୟନ୍ତ ସମଗ୍ର ଜଗତ ଏହି ପରିବର୍ତ୍ତନ ସହିତ ସାମଞ୍ଜସ୍ୟ ରକ୍ଷା କରିପାରୁ ନାହାନ୍ତି । ଚଳିତ ବର୍ଷ ଜାତିସଂଘ ପକ୍ଷରୁ ଜଳବାୟୁ ପରିବର୍ତ୍ତନକୁ ନେଇ ପୋଲାଣ୍ଡର କାଲୋବାସ୍ ଠାରେ ଏକ ମହାସଭାର ଆୟୋଜନ କରାଯାଇଛି ଯାହାକି ଆସନ୍ତା ସପ୍ତାହରେ ଅନୁଷ୍ଠିତ ହେବ । ଏହି ମହାସଭାକୁ ପରିବେଶ ଦୃଷ୍ଟିକୋଣରୁ ବହୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି । କାରଣ ଏହି ବୈଠକରେ ୪ଟି ପଦକ୍ଷେପ ଉପରେ ଦୃଷ୍ଟି ଦିଆଯିବାର କଥା କୁହାଯାଉଛି । ସମ୍ଭବତଃ ଏହି ମହାସଭାରେ ଜଳବାୟୁ ପରିବର୍ତ୍ତନ ନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇପାରେ । ତଥ୍ୟ ଅନୁଯାୟୀ ଉନବିଂଶ ଶତାବ୍ଦୀ ପରେ ପୃଥିବୀ ପୃଷ୍ଠର ତାପମାତ୍ରା ୩ରୁ ୬ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ପ୍ରତି ୧୦ବର୍ଷରେ ତାପମାତ୍ରାରେ କିଛି ନା କିଛି ବୃଦ୍ଧି ହୋଇଥାଏ । ଏହି ତାପମାତ୍ରାର ବୃଦ୍ଧି ଯଦିଓ ଆମକୁ ସାଧାରଣ ମନେ ହେଉଛି କିନ୍ତୁ ଯଦି ସମୟ ପୂର୍ବରୁ ଏହା ଉପରେ ଧ୍ୟାନ ଦିଆଯିବ ନାହିଁ ତେବେ ଏହି ପରିବର୍ତ୍ତନ ଆଗକୁ ମହାବିନାଶକୁ ରୂପ ଦେବ । ତେଣୁ ବର୍ତ୍ତମାନ ଠାରୁ ସଚେତନ ହେବା ହିଁ ଏକମାତ୍ର ବାଟ ।

ପରମାନନ୍ଦ ଅମୃତଧାରା

ଦ୍ୱାରିକା ମୋହନ ମିଶ୍ର
ଗଜପତି ନଗର
ସୈନିକ ସ୍କୁଲ,
ଭୁବନେଶ୍ୱର-୫
ମୋ : ୯୪୩୭୦୬୦୭୦୩

> ଅର୍ଜୁନଙ୍କ ସାରଥି ରୂପେ ସଙ୍କଟଜନକ ମୁହୂର୍ତ୍ତରେ ହତୋତ୍ସାହ ହୋଇପଡିଥିବା ଅର୍ଜୁନଙ୍କ ମନରେ ଲଢୁଆ ମନୋଭାବ ଜାଗ୍ରତ କରିବାକୁ ସର୍ବମୟ କର୍ତ୍ତା ଭକ୍ତିଯୋଗ ମାଧ୍ୟମରେ ଜ୍ଞାନ ଓ କର୍ମ ସାହାଯ୍ୟରେ ବନ୍ଧନରୁ ମୁକ୍ତି ପାଇବା ମାନବୀୟ ଲକ୍ଷ୍ୟର ଶ୍ରେଷ୍ଠ ମାର୍ଗ ବୋଲି ସୁପାରିଶ କରିଥିଲେ । ପ୍ରଭୁ ଶ୍ରୀକୃଷ୍ଣ ସ୍ୱୟଂ ଭଗବାନ ବୋଲି ଜାଣିବା ପରେ ମଧ୍ୟ ଅନ୍ଧ ଧୃତରାଷ୍ଟ୍ର ତାଙ୍କ ପୁତ୍ର ଦୁର୍ଯ୍ୟୋଧନର ବିଜୟ ଆଶା କରି ମହାଭାରତ ଯୁଦ୍ଧରେ ଅଗ୍ରଗତି ସମ୍ପର୍କରେ ଜାଣିବାକୁ ଇଚ୍ଛା କରିଥିଲେ । ଶଙ୍ଖନାଦ ଓ ନାଗରାର କାନଫଟା ଶବ୍ଦରେ ଧୃତରାଷ୍ଟ୍ରଙ୍କ ପୁତ୍ରମାନେ ଦୁର୍ବଳ ହୋଇ ଦୁଃଖରେ ଅଭିଭୂତ ହୋଇପଡିଥିଲେ । ଏବଂ ସେମାନେ ଯୁଦ୍ଧରେ ପରାସ୍ତ ହୋଇଯାଇ ସାରିଥିବା ଭଳି ଅନୁଭବ କରିଥିଲେ । କୁରୁକ୍ଷେତ୍ରରେ ନିଜ ସନ୍ତାନମାନଙ୍କର ବିଜୟ ଆଶା କରି ବସିଥିବା ଅନ୍ଧ ରାଜାଙ୍କୁ ସଞ୍ଜୟ ଯଥାଯଥ ଭାବେ ସବୁ କଥା ଜଣାଇ ଦେଇଥିଲେ । ଅର୍ଜୁନ ଯେଉଁମାନଙ୍କ ସହିତ ଯୁଦ୍ଧ କରିବାକୁ ଯାଉଥିଲେ ସେମାନେ ସମସ୍ତେ ଥିଲେ ତାଙ୍କର ଜ୍ଞାତିକୁଟୁମ୍ବ ଓ ବନ୍ଧୁ ପରିଜନ । ଯୁଦ୍ଧ ଭୂମିରେ ସେମାନଙ୍କୁ ସମ୍ମୁଖରେ ଦେଖି ସେ ଦୟା ପରବଶ ହୋଇ ଦୁଃଖରେ ଭାଙ୍ଗି ପଡିଲେ ଏବଂ ଯୁଦ୍ଧ କରିବେ ନାହିଁ ବୋଲି ସଂକଳ୍ପ କରି ଧନୁ ଓ ଶର ଫିଙ୍ଗିଦେଲେ ।

‘‘ଇନ୍ଦ୍ରିୟାନୁଭୂତ ଦ୍ରବ୍ୟଗୁଡିକ ପ୍ରତି ଅନାସକ୍ତ ରହି ସଂଯମର ଶେଷସୀମାରେ ପହଞ୍ଚିବା ଉଚିତ । ସୃଷ୍ଟିରେ ପୂରି ରହିଛି ଦୟା ଓ କରୁଣା । କିନ୍ତୁ ଯିଏ ନିଜ ଇଚ୍ଛାକୁ ଈଶ୍ୱରଙ୍କ ଇଚ୍ଛାରେ ମିଶାଇ ଦିଏ, କରୁଣା ପ୍ରାପ୍ତି ପାଇଁ ଉପଯୁକ୍ତ ହୁଏ । ସମର୍ପଣ କରିଦିଅ, ଭଗବାନଙ୍କ ରାଜ୍ୟରେ ପ୍ରବେଶ କରିବା ପାଇଁ ପୂର୍ଣ୍ଣ ସମର୍ପଣ ହିଁ ପୂର୍ବ ନିର୍ଦ୍ଧାରିତ ଗୁପ୍ତ ଶବ୍ଦ ‘ଯାହା ଅଗ୍ରସର ହେବା ପାଇଁ ଅନୁମତି ପ୍ରଦାନ କରେ ।’

ନାରଦ ଥରେ କୃଷ୍ଣଙ୍କୁ ପଚାରିଥିଲେ ତାଙ୍କ ବଂଶୀ ସ୍ୱର ପ୍ରତି ବୃନ୍ଦାବନର ଗୋପାଳମାନଙ୍କ ରହିଥିବା ଆକର୍ଷଣର ଗୁପ୍ତ ରହସ୍ୟ କଣ । ସେମାନେ ଆକର୍ଷିତ ହୋଇ ଆପଣଙ୍କ ପାଖକୁ ଧାଇଁ ଆସୁଛନ୍ତି ନା ଆପଣ ସେମାନଙ୍କ ପାଖକୁ ଦୌଡୁଛନ୍ତି ? ସେ ଉତ୍ତର ଦେଇଥିଲେ, ଆମ ଭିତରେ ନା ‘ମୁଁ’ ନା ‘ସେମାନେ’ ଭାବ ଅଛି । ଚିତ୍ର ପ୍ରତିମା ଅଙ୍କା ଯାଇଥିବା କନାରୁ ତାହା ବିଚ୍ଛିନ୍ନ ହେବ କିପରି ? କୃଷ୍ଣ ଉତ୍ତର ଦେଲେ, ମୁଁ ସେମାନଙ୍କ ହୃଦୟରେ ଅବିଚ୍ଛିନ୍ନ ଭାବେ ଲିଭିଯାଇ ନ ପାରିବା ଭଳି ଅଙ୍କିତ ହୋଇ ରହିଛି । ଭଗବାନଙ୍କୁ ତୁମ ହୃଦୟ ମଧ୍ୟରେ ଛାପି ରଖ, ସର୍ବଦା ତାଙ୍କ ଭିତରେ ଅଲିଭା ସ୍ମାରକୀ ହୋଇ ରହିଯାଅ । ତାହାହିଁ ସମସ୍ତଙ୍କ ପାଇଁ ବିଶ୍ୱଜନୀନ ସନ୍ଦେଶ ।’

ବେଦ, ଇତିହାସ, ପୁରାଣ, ଆଗମ, ଦର୍ଶନ ଓ ଧର୍ମଶାସ୍ତ୍ରଦି ହିନ୍ଦୁ ଶାସ୍ତ୍ରମାନଙ୍କ ଉପରେ ଦାର୍ଶନିକ ବ୍ୟାଖ୍ୟା ଦେଇଥିବା ପ୍ରଖ୍ୟାତ ଆଚାର୍ଯ୍ୟମାନେ ତିନିଗୋଟି ମୁଖ୍ୟ ଶାସ୍ତ୍ରୀୟ ଗ୍ରନ୍ଥ ଯଥା-ଉପନିଷଦ, ଗୀତା ଓ ପ୍ରସ୍ଥାନତ୍ରୟ ରୂପେ ସମୂହ ଭାବେ ଜଣାଶୁଣା ବଦରାୟଣଙ୍କ ବେଦାନ୍ତ ସୂତ୍ର ଉପରେ ନିର୍ଭର କରିଛନ୍ତି । ସବୁ ହିନ୍ଦୁ ସମ୍ପ୍ରଦାୟ ଭଗବତ ଗୀତାକୁ ବୈଦିକ ପ୍ରଜ୍ଞାର ସାରମର୍ମ ଧାରଣା କରୁଥିବା ସବୁଠାରୁ ନିର୍ଭରଯୋଗ୍ୟ ଶାସ୍ତ୍ର ରୂପେ ଗ୍ରହଣ କରିଛନ୍ତି । ଆଦ୍ୱୈତ, ବିଶିଷ୍ଟାଦ୍ୱୈତ ଓ ଦ୍ୱୈତ ଦର୍ଶନର ପ୍ରତିଷ୍ଠାତାମାନେ ଏହି ଶାସ୍ତ୍ରୀୟ ଗ୍ରନ୍ଥ ଉପରେ ପୁଙ୍ଖାନୁପୁଙ୍ଖ ବ୍ୟାଖ୍ୟାନ ବା ଭାଷ୍ୟକୁ ଲିପିବଦ୍ଧ କରିଛନ୍ତି । ବସ୍ତୁତଃ କେବଳ ଗୀତାକୁ ହିଁ ପ୍ରସ୍ଥାନତ୍ରୟୀ କୁହାଯାଇପାରିବ କାରଣ ଗୀତା ଶାସ୍ତ୍ର ତିନିଗୋଟି ଯାକ ବିଷୟ-ବ୍ରହ୍ମବିଦ୍ୟା, ଉପନିଷଦ ଓ ଯୋଗ ଶାସ୍ତ୍ରକୁ ନିଜ ପରିସରଭୁକ୍ତ କରିଥିବା ବର୍ଣ୍ଣନା କରାଯାଇଛି ।

ସମଗ୍ର ଗୀତାର ସାରମର୍ମ ପ୍ରକାଶ କରୁଥିବା ଏହାର ପ୍ରଥମ ଓ ଦ୍ୱିତୀୟ ଅଧ୍ୟାୟ ଉପରେ ଶ୍ରୀ ରାମାନୁଜଙ୍କ ଭାଷ୍ୟ ଉପରେ ଏକ ବିହଙ୍ଗାବଲୋକନ କଲେ ଜୀବନ ଦର୍ଶନର ସାରବର୍ତ୍ତା ସହଜରେ ଅନୁଭୂତ ହୁଏ । ତାଙ୍କ ଆଶ୍ରୟ ଖୋଜୁଥିବା ନିଜ ଭକ୍ତମାନଙ୍କ ପାଇଁ ନିଜକୁ ସହଜଲଭ୍ୟ କରିବା ପାଇଁ ସର୍ବୋଚ୍ଚ କର୍ତ୍ତା ପୃଥିବୀକୁ ଦୁଷ୍ଟ ଶକ୍ତିର ପ୍ରଭାବରୁ ମୁକ୍ତ କରିବାକୁ ମାନବ ଶରୀର ଧାରଣ କରି ଜନ୍ମ ଗ୍ରହଣ କରିଛନ୍ତି ।

ଅର୍ଜୁନଙ୍କ ସାରଥି ରୂପେ ସଙ୍କଟଜନକ ମୁହୂର୍ତ୍ତରେ ହତୋତ୍ସାହ ହୋଇପଡିଥିବା ଅର୍ଜୁନଙ୍କ ମନରେ ଲଢୁଆ ମନୋଭାବ ଜାଗ୍ରତ କରିବାକୁ ସର୍ବମୟ କର୍ତ୍ତା ଭକ୍ତିଯୋଗ ମାଧ୍ୟମରେ ଜ୍ଞାନ ଓ କର୍ମ ସାହାଯ୍ୟରେ ବନ୍ଧନରୁ ମୁକ୍ତି ପାଇବା ମାନବୀୟ ଲକ୍ଷ୍ୟର ଶ୍ରେଷ୍ଠ ମାର୍ଗ ବୋଲି ସୁପାରିଶ କରିଥିଲେ । ପ୍ରଭୁ ଶ୍ରୀକୃଷ୍ଣ ସ୍ୱୟଂ ଭଗବାନ ବୋଲି ଜାଣିବା ପରେ ମଧ୍ୟ ଅନ୍ଧ ଧୃତରାଷ୍ଟ୍ର ତାଙ୍କ ପୁତ୍ର ଦୁର୍ଯ୍ୟୋଧନର ବିଜୟ ଆଶା କରି ମହାଭାରତ ଯୁଦ୍ଧରେ ଅଗ୍ରଗତି ସମ୍ପର୍କରେ ଜାଣିବାକୁ ଇଚ୍ଛା କରିଥିଲେ । ଶଙ୍ଖନାଦ ଓ ନାଗରାର କାନଫଟା ଶବ୍ଦରେ ଧୃତରାଷ୍ଟ୍ରଙ୍କ ପୁତ୍ରମାନେ ଦୁର୍ବଳ ହୋଇ ଦୁଃଖରେ ଅଭିଭୂତ ହୋଇପଡିଥିଲେ । ଏବଂ ସେମାନେ ଯୁଦ୍ଧରେ ପରାସ୍ତ ହୋଇଯାଇ ସାରିଥିବା ଭଳି ଅନୁଭବ କରିଥିଲେ । କୁରୁକ୍ଷେତ୍ରରେ ନିଜ ସନ୍ତାନମାନଙ୍କର ବିଜୟ ଆଶା କରି ବସିଥିବା ଅନ୍ଧ ରାଜାଙ୍କୁ ସଞ୍ଜୟ ଯଥାଯଥ ଭାବେ ସବୁ କଥା ଜଣାଇ ଦେଇଥିଲେ । ଅର୍ଜୁନ ଯେଉଁମାନଙ୍କ ସହିତ ଯୁଦ୍ଧ କରିବାକୁ ଯାଉଥିଲେ ସେମାନେ ସମସ୍ତେ ଥିଲେ ତାଙ୍କର ଜ୍ଞାତିକୁଟୁମ୍ବ ଓ ବନ୍ଧୁ ପରିଜନ । ଯୁଦ୍ଧ ଭୂମିରେ ସେମାନଙ୍କୁ ସମ୍ମୁଖରେ ଦେଖି ସେ ଦୟା ପରବଶ ହୋଇ ଦୁଃଖରେ ଭାଙ୍ଗି ପଡିଲେ ଏବଂ ଯୁଦ୍ଧ କରିବେ ନାହିଁ ବୋଲି ସଂକଳ୍ପ କରି ଧନୁ ଓ ଶର ଫିଙ୍ଗିଦେଲେ ।

ଦୁଇ ସେନାବାହିନୀ ମଧ୍ୟରେ ଠିଆ ହୋଇ ଦୁଃଖରେ ମ୍ରିୟମାଣ ହୋଇପଡିଥିବା ଅର୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ ଆତ୍ମଦର୍ଶନର ଚିରନ୍ତନତା ସମ୍ପର୍କରେ ଆଧ୍ୟାତ୍ମିକ ସତ୍ୟ ଶିକ୍ଷା ଦେଇଥିଲେ । ଆତ୍ମାର ଅସଲ ସ୍ୱରୂପ ଓ ପ୍ରକୃତି ସମ୍ପର୍କରେ ଜ୍ଞାନ ଦାନ କରି ଏବଂ ଆତ୍ମଜ୍ଞାନ ଲାଭ କରିବାର ଉପାୟ ରୂପେ ଫଳାଫଳ ପ୍ରତି ଆସକ୍ତି ନରଖି ନିଜର ବିଧିନିର୍ଦ୍ଦେଶିତ କର୍ତ୍ତବ୍ୟ ସମ୍ପାଦନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ମାୟାମୁକ୍ତ କରିବାର ପ୍ରୟାସ କରିଥିଲେ । ସର୍ବୋଚ୍ଚ କର୍ତ୍ତା ସତେ ଯେପରି ସ୍ମିତହାସ୍ୟ ହସି ଗୀତାର ୨ୟ ଅଧ୍ୟାୟ ୧୨ଶ ଶ୍ଳୋକରୁ ଆରମ୍ଭ କରି ୧୮ଶ ଅଧ୍ୟାୟରେ ୬୬ ଶ୍ଳୋକ ଶେଷଯାଏ ସଂସାରକୁ ଗୀତାମୃତ ଦାନ କରିଛନ୍ତି । ସେଥି ମଧ୍ୟରେ ରହିଛି ଆତ୍ମାର ପ୍ରକୃତ ସ୍ୱଭାବ, ସର୍ବୋଚ୍ଚ ଆତ୍ମଦର୍ଶନର ପ୍ରକୃତି ଏବଂ କର୍ମ, ଜ୍ଞାନ ଓ ଭକ୍ତି ଆଦି ମାନବ ଜୀବନରେ ସର୍ବୋଚ୍ଚ ଆଧ୍ୟାତ୍ମିକ କୃତି ହାସଲ କରିବାର ବିଭିନ୍ନ ମାର୍ଗ ବର୍ଣ୍ଣନା କରୁଥିବା ବେଦାନ୍ତର ସମ୍ପୂର୍ଣ୍ଣ ବ୍ୟାପ୍ତି ।

ପୂର୍ବ ପୁରୁଷମାନଙ୍କୁ ପିଣ୍ଡଦାନ କରିବାକୁ ପଡୁଥିବା ବେଳେ, ଯେଉଁମାନଙ୍କ ସହିତ ଯୁଦ୍ଧ କରିବାକୁ ଯାଉଛନ୍ତି ସେମାନଙ୍କ ପାଇଁ ସେ ଦୁଃଖ ପ୍ରକାଶ କରିଥିଲେ । ଶ୍ରୀ ରାମାନୁଜ ତାଙ୍କ ଗୀତା ଭାଷ୍ୟରେ କହିଛନ୍ତି ଯେ, ଜ୍ଞାନୀ ଲୋକ ମୃତ ବା ଜୀବିତ କାହା ପାଇଁ ଦୁଃଖ ଅନୁଭବ କରେ ନାହିଁ । ଆତ୍ମା ତାର ସ୍ଥିତି ପାଇଁ ଶରୀର ଉପରେ ନିର୍ଭରଶୀଳ ନୁହେଁ ବା ଶରୀରର ମୃତ୍ୟୁରେ ବିନାଶର ଅନୁବର୍ତ୍ତୀ ହୋଇନଥିବା ବ୍ରହ୍ମ ଇଙ୍ଗିତ ଦେଇ ଅବଗତ କରାଇଥାଏ । ଆତ୍ମା ଚିରନ୍ତନ ଏବଂ ପାର୍ଥିବ ଶରୀରର ମୃତ୍ୟୁରେ ବିନାଶ ଘଟୁଥିବାରୁ ଦୁଃଖ କରିବାର କୌଣସି କାରଣ ନାହିଁ । ସର୍ବୋଚ୍ଚ ଆତ୍ମା ଓ ସମସ୍ତଙ୍କ ପ୍ରଭୁ ଅବିନଶ୍ୱର ହୋଇଥିବାରୁ ବ୍ୟକ୍ତିକ ଆତ୍ମା ବି (ଅର୍ଜୁନ ଓ ଯୁଦ୍ଧ ଭୂମିରେ ଉପସ୍ଥିତ ଅନ୍ୟ ସମସ୍ତଙ୍କର) ଭବିଷ୍ୟତରେ ବିନାଶ ହେବ ନାହିଁ । ତେଣୁ ସେମାନଙ୍କୁ ମଧ୍ୟ ଅବିନଶ୍ୱର ବୋଲି ଧରିବାକୁ ହେବ । ଆତ୍ମା ଓ ପରମାତ୍ମା ମଧ୍ୟରେ କୌଣସି ପ୍ରଭେଦ ନଥିବା କଥା କହୁଥିବା ଅଦ୍ୱୈତବାଦୀମାନଙ୍କର ମତକୁ ଶ୍ରୀରାମାନୁଜ ବଳିଷ୍ଠ ଭାବେ ଖଣ୍ଡନ କରିଛନ୍ତି ।

ଅବିନଶ୍ୱର ବ୍ୟକ୍ତିକ ଆତ୍ମାମାନେ ଆରମ୍ଭହୀନ କର୍ମର ଅନୁବର୍ତ୍ତୀ ହୁଅନ୍ତି ତେଣୁ ସେମାନଙ୍କ କର୍ମାନୁସାରେ ଯଥାର୍ଥ ହେବା ଭଳି ଶରୀର ଧାରଣ କରିଥାନ୍ତି ବା କାର୍ଯ୍ୟ କରିଥାନ୍ତି । ବନ୍ଧନମୁକ୍ତ ହେବା ପାଇଁ ଏହି ସନ୍ନିବେଶିତ ଜୀବମାନେ କର୍ମଫଳ ଆଶା ନରଖି ବନ୍ଧନମୁକ୍ତ ହେବାକୁ ହେଉ ବା ଅମରତ୍ୱ ପ୍ରାପ୍ତିର ଏକ ସାଧନା ରୂପେ ହେଉ ଅନାସକ୍ତ ମନୋଭାବ ସହ ସେହି ଜନ୍ମ ପ୍ରତି ଯଥାଯଥ ହୋଇଥିବା କର୍ତ୍ତବ୍ୟ ସମ୍ପାଦନ କରିଥାନ୍ତି । ସମସ୍ତ ସନ୍ନିବେଶିତ ଜୀବର ଅନୁଭୂତ ହୋଇଥିବା ଜନ୍ମ-ମୃତ୍ୟୁ ଅଜନ୍ମା ଓ ଅବିନଶ୍ୱର ଆତ୍ମାକୁ ପ୍ରଭାବିତ କରିନଥାଏ । ଜନ୍ମ ଓ ମୃତ୍ୟୁ ପୁରୁଣା ବସ୍ତ୍ର ପରିତ୍ୟାଗ କରି ଅଧିକ ଉତ୍ତମ ନୂତନ ବସ୍ତ୍ର ପରିଧାନ କଲାଭଳି ହୋଇଥାଏ । ଆତ୍ମା ଅନ୍ୟ ସମସ୍ତ ପାର୍ଥିବ ବସ୍ତୁ ଠାରେ ଭିନ୍ନ । ଇନ୍ଦ୍ରିୟାନୁଭୂତି ମାଧ୍ୟମରେ ଜ୍ଞାନର ସ୍ୱାଭାବିକ ମାର୍ଗ ଅନୁସରଣ ଦ୍ୱାରା ଆତ୍ମାକୁ କଳ୍ପନା କରିହେବ ନାହିଁ ।

ଶ୍ରୀ ରାମାନୁଜ କହନ୍ତି ସେ ପାର୍ଥିବ ଜଗତରେ କେବଳ ସ୍ଥିତିବାନ ବସ୍ତୁରୁ ଉତ୍ପତ୍ତି ସମ୍ଭବ ହୁଏ । ସ୍ଥିତିହୀନ ବସ୍ତୁରୁ ନିର୍ଦ୍ଦିଷ୍ଟ ଅବସ୍ଥା ହୋଇଥାଏ । ଗୋଟିଏ ବସ୍ତୁକୁ ଧ୍ୱଂସ କରିଦେଲେ ତାହା ସଂପୂର୍ଣ୍ଣ ରୂପେ ଧ୍ୱଂସ ହୋଇ ଉଭେଇ ଯାଇ ନାହିଁ । ଉଦାହରଣ ସ୍ୱରୂପ, ମାଟିକୁ ପିଣ୍ଡୁଳା କରାଯାଇ ବିଭିନ୍ନ ପ୍ରକାର ଗୃହପୋଯୋଗୀ ପାତ୍ର ତିଆରି କରାଯାଏ ଏବଂ ପରିଶେଷରେ ପୁଣି ଗୁଣ୍ଡରେ ପରିଣତ ହୋଇଯାଏ । ତେଣୁ ଉତ୍ପତ୍ତି ଓ ବିନାଶ କୁହାଯାଉଥିବା ନିରବଚ୍ଛିନ୍ନତା ଏକ ବିବର୍ତ୍ତନଶୀଳ ବିଦ୍ୟମାନ ବସ୍ତୁ ପାଇଁ ଅନିବାର୍ଯ୍ୟ ହୋଇଥାଏ ଏବଂ ଶରୀର ଓ ଆତ୍ମା ଏକ ଅଭିନ୍ନ ବୋଲି ଭ୍ରମାତ୍ମକ ଧାରଣା ଥିଲେ ମଧ୍ୟ କାହାର ମୃତ୍ୟୁରେ ଦୁଃଖ କରିବାର କୌଣସି କାରଣ ନାହିଁ । ପାର୍ଥିବ ଶରୀର ଆତ୍ମାର ଏକ ବାହ୍ୟ ଆବରଣ ମାତ୍ର ଓ ତେଣୁ ହେ ଅର୍ଜୁନ, ଯୁଦ୍ଧରେ ଜୀବ ବଧ କରାଗଲେ ମଧ୍ୟ ଏକ ନ୍ୟାୟୋଚିତ କାର୍ଯ୍ୟ ପାଇଁ ଏକ ଧର୍ମଯୁଦ୍ଧରେ ଲିପ୍ତ ରହିବା କ୍ଷତ୍ରିୟର ଧର୍ମ । ତୁମେ ଯୁଦ୍ଧ କରିବାକୁ ପଛଘୁଞ୍ଚା ଦେଲେ ଲୋକେ ତୁମକୁ କାପୁରୁଷ କହି ବିଦ୍ରୂପ କରିବେ ଏବଂ ତୁମେ ଭୟରେ ଯୁଦ୍ଧ କ୍ଷେତ୍ରରୁ ପଳାୟନ କଲେ ବୋଲି କହିବେ । ‘ଶ୍ରୀ ରାମାନୁଜ କହନ୍ତି, ମାନବ ଜୀବନ ଏକମାତ୍ର ଲକ୍ଷ୍ୟ ହେଲା, ଫଳାଫଳ ପ୍ରତି କୌଣସି ଆସକ୍ତି ନରଖି ବନ୍ଧନରୁ ମୁକ୍ତି ଭଳି ପରମାନନ୍ଦ ପ୍ରାପ୍ତି ହେବା ପାଇଁ ନିଜର କର୍ତ୍ତବ୍ୟ କରିଯିବା ।

(କ୍ରମଶଃ)

ଭାରତରେ ଇଂରେଜୀ ଭାଷା ପ୍ରଚଳନ ଓ ଓଡ଼ିଶାରେ ମିଶନାରୀମାନଙ୍କ ଓଡ଼ିଆ ଭାଷା ଓ ଶିକ୍ଷାକ୍ଷେତ୍ରରେ ରଚନାତ୍ମକ କାର୍ଯ୍ୟ-୧



ଡକ୍ଟର ଲାବଣ୍ୟଚନ୍ଦ୍ର ସାହୁ
ଶ୍ରାବସ୍ତୀ, ୩୫, ବସନ୍ତ ବିହାର, ଭୁବନେଶ୍ୱର-୧୮
ମୋ : ୮୮୯୫୪୮୭୧୬୨

> ଖ୍ରୀଷ୍ଟିୟାନ ମିଶନାରୀମାନେ କମ୍ପାନୀ ସରକାରଙ୍କ ଠାରୁ ବିପୁଳ ଆର୍ଥିକ ଅନୁଦାନ ଲାଭ କରି, ଶିକ୍ଷା ପ୍ରସାର ଆଳରେ ନିଜ ନିଜ ମାର୍ଗରେ-ଖ୍ରୀଷ୍ଟଧର୍ମ ପ୍ରଚାର କରିବାର ଅବାଧ ସୁଯୋଗ ଉପଭୋଗ କଲେ । ଖ୍ରୀ ୧୮୧୩ରୁ ୧୮୩୫ ଖ୍ରୀ ଯାଏ, ଏହି ଶିକ୍ଷାନୀତି ପ୍ରଚଳିତ ଥିବାବେଳେ ଶିକ୍ଷାର ମାଧ୍ୟମ କ'ଣ ହେବ ସେଥିରେ ବିଭିନ୍ନ ମହଲରେ ବାଦାନୁବାଦ ଲାଗି ରହିଥିଲା ।

ଇଷ୍ଟ ଇଣ୍ଡିଆ କମ୍ପାନୀ ଭାରତରେ ରପ୍ତାନୀ ବାଣିଜ୍ୟ କାରବାର ନିମିତ୍ତ ଆସି ପୂର୍ବାଞ୍ଚଳରେ ବ୍ରିଟିଶ ଉପନିବେଶ ସ୍ଥାପନ କଲେ । ଫଳ ସ୍ୱରୂପ ପ୍ରାଚ୍ୟ ପାଶ୍ଚାତ୍ୟ ମଧ୍ୟରେ ପରସ୍ପର ପରିଚିତିର ଅୟମାରମ୍ଭ ହୋଇଥିଲା । ମୂଳରୁ କିନ୍ତୁ କମ୍ପାନୀର ଭିତିର ଉଦ୍ଦେଶ୍ୟ ଥିଲା ଯେ ସେମାନଙ୍କ ଶାସନକାଳକୁ ସାହାଯ୍ୟ କଲାଭଳି, ମୁଷ୍ଟିମେୟ ଅନୁଗତ ଇଂରେଜୀ ପଢା ଭାରତୀୟ ସୃଷ୍ଟି କରି, ସେମାନଙ୍କ ସାହାଯ୍ୟରେ ଭାରତରେ ଇଂରେଜ ଶାସନକୁ ମଜଭୁତ କରିବେ । ସେହି ଲକ୍ଷ୍ୟରେ ସେମାନେ ପ୍ରଥମେ କଲିକତାରେ ଫୋର୍ଟ ଉଇଲିୟମ କଲେଜ ପ୍ରତିଷ୍ଠା କଲେ । ମିଶନାରୀମାନଙ୍କୁ ନିଯୁକ୍ତି ଦେଲେ ପଢାଇବାକୁ । ସେମାନେ ପ୍ରଥମେ ସିଭିଲିୟାନମାନଙ୍କୁ ପ୍ରଶାସନିକ ଓ ଭାଷାଶିକ୍ଷା ଦେଲେ । ଏହି ପ୍ରଶିକ୍ଷଣ ପରେ ଶିକ୍ଷିତ ଭାରତୀୟଙ୍କୁ ବଡ ବଡ ଚାକିରିରେ ଉଚ୍ଚ ହାରରେ ବେତନ ଦେଇ ନିଯୁକ୍ତି କଲେ । ଫଳରେ ସେମାନେ ଇଂରେଜ ସରକାରଙ୍କ ଅନୁଗତ ଓ ଆଜ୍ଞାବହ ଭାବରେ ପ୍ରଶାସନ ସମ୍ଭାଳିଲେ । ଇଷ୍ଟ ଇଣ୍ଡିଆ କମ୍ପାନୀର ଏହି ସ୍ୱାର୍ଥ ସମ୍ବଳିତ ଶିକ୍ଷାନୀତି, ସଂକୀର୍ଣ୍ଣ ଦୃଷ୍ଟିମୂଳକ ବୋଲି କ୍ରମେ ଜନତାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଲା । ଫଳତଃ ଜନମତ ଚାପରେ-ଇଂଲଣ୍ଡ ସରକାର (ବ୍ରିଟିଶ) ଭାରତର ଶିକ୍ଷା ସଂକ୍ରାନ୍ତ ସମସ୍ତ ଦାୟିତ୍ୱ ବହନ କରିବାକୁ ପଡିଲା । ତେଣୁ ବ୍ରିଟିଶ ସରକାରଙ୍କ ବୃହତ୍ତର ଶିକ୍ଷାନୀତିକୁ ଇଷ୍ଟ ଇଣ୍ଡିଆ କମ୍ପାନୀ, ମାନିନେବାକୁ ବାଧ୍ୟ ହେଲା ।

ପୂର୍ବରୁ ଖ୍ରୀ ୧୭୭୩ରେ, କମ୍ପାନୀର ଜଣେ ବିଶିଷ୍ଟ ଶିକ୍ଷାବିତ୍ ଓ ପ୍ରଶାସକ , ଚାର୍ଲସଗ୍ରାଣ୍ଟ, ଭାରତରେ ପ୍ରଚଳିତ ଶିକ୍ଷାପଦ୍ଧତିର ଗଭୀର ଅନୁଶୀଳନ କରି ସେଥିରେ କେତେକ ସଂସ୍କାର ଓ ପରିବର୍ତ୍ତନ ଆବଶ୍ୟକ ବୋଲି ନିଜ ମତ ପ୍ରଦାନ କରିଥିଲେ । ତାଙ୍କର ମତ ଥିଲା xx Light must be brought through education in India. Then the people will learn to behave rightly. So far they have not been hold about the right things. xx Through english only, Indian could catch up the latest trends in literature, science, Philosophy, religion & other subjects. (History of Indian Education by choube Dr. S.P) ଅର୍ଥାତ୍-ସେ ସ୍ପଷ୍ଟ କରିଦେଇଥିଲେ ଯେ, ଭାରତରେ ଇଂରେଜୀ ଶିକ୍ଷା ପ୍ରଚଳିତ ହେଲେ ଭାରତୀୟମାନେ ବିଶ୍ୱର ଅନ୍ୟାନ୍ୟ ପ୍ରାନ୍ତରରେ ସଂଘଠିତ ହେଉଥିବା ‘ସାହିତ୍ୟ-ସଂସ୍କୃତି-ଦର୍ଶନ ବିଜ୍ଞାନ ଅବଗତ ହୋଇପାରିବେ । ତାହା ସହିତ ନିଜର ପାରମ୍ପରିକ ବିଚାରଧାରାରେ ପରିବର୍ତ୍ତନ ବା ସଂସ୍କାର ଆଣିପାରିବେ ମାତ୍ର ତାଙ୍କର ଏହି ଅଭିମତକୁ ଗ୍ରହଣ କରି ତାହାକୁ କାର୍ଯ୍ୟକାରୀ କରିବା ପାଇଁ ଇଂରେଜୀ ସରକାରଙ୍କୁ ଆହୁରି ୪୦ବର୍ଷ ଲାଗିଗଲା । ଅବଶେଷରେ ଇଂରେଜ ସରକାରଙ୍କ ଖ୍ରୀ ୧୮୧୩ରେ ଶିକ୍ଷାସନନ୍ଦ ଫଳରେ କମ୍ପାନୀ ସରକାର, ଭାରତରେ ‘ଶିକ୍ଷା ସଂପ୍ରସାରଣ’ ନିମିତ୍ତ, ବାର୍ଷିକ ୧ ଲକ୍ଷ ଟଙ୍କାର ଖର୍ଚ୍ଚ ବହନ କରିବାକୁ ବାଧ୍ୟ ହେଲେ । ଏହି ଶିକ୍ଷାନୀତି ଫଳରେ ଖ୍ରୀଷ୍ଟିୟାନ ମିଶନାରୀମାନେ କମ୍ପାନୀ ସରକାରଙ୍କ ଠାରୁ ବିପୁଳ ଆର୍ଥିକ ଅନୁଦାନ ଲାଭ କରି, ଶିକ୍ଷା ପ୍ରସାର ଆଳରେ ନିଜ ନିଜ ମାର୍ଗରେ-ଖ୍ରୀଷ୍ଟଧର୍ମ ପ୍ରଚାର କରିବାର ଅବାଧ ସୁଯୋଗ ଉପଭୋଗ କଲେ । ଖ୍ରୀ ୧୮୧୩ରୁ ୧୮୩୫ ଖ୍ରୀ ଯାଏ, ଏହି ଶିକ୍ଷାନୀତି ପ୍ରଚଳିତ ଥିବାବେଳେ ଶିକ୍ଷାର ମାଧ୍ୟମ କ'ଣ ହେବ ସେଥିରେ ବିଭିନ୍ନ ମହଲରେ ବାଦାନୁବାଦ ଲାଗି ରହିଥିଲା ।

ଖ୍ରୀ ୧୮୧୪ ବେଳକୁ ରାଜା ରାମମୋହନ ରାୟ, କଲିକତାକୁ ଆସି ସ୍ଥାୟୀ ଭାବରେ ବାସ କଲେ । ସେ ଭାରତରେ ଶିକ୍ଷା ସଂସ୍କୃତି ବିକାଶ କ୍ଷେତ୍ରରେ, ଇଂରେଜୀ ଭାଷାକୁ ମାଧ୍ୟମ ଭାବରେ ଗ୍ରହଣ କରିବାକୁ ବିଭିନ୍ନ ସଭାସମିତି କରି ନିଜର ବଳିଷ୍ଠ ଯୁକ୍ତି ବାଢିଲେ । "He was ably assisted by a scotch merchant named David Harey. He belonged to that of small group of rareman, who gave their affection without regard to colour or creed and book delight in serving the interest of all pepole'' (Hiranmay Banerjee-page-9, ibed)

ପରବର୍ତ୍ତୀ କାଳ : ଖ୍ରୀ ୧୮୩୫ରୁ ୧୮୫୩ ଯାଏ ଭାରତରେ ଇଂରେଜ ଶିକ୍ଷା-ବିସ୍ତାର କ୍ଷେତ୍ରରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଳ ଥିଲା । ଏହି ସମୟ ଥିଲା-ବ୍ରିଟିଶ ସାମ୍ରାଜ୍ୟବାଦର ସମ୍ପ୍ରସାରଣ କାଳ । ତେଣୁ ଇଂରେଜମାନେ ନିଜ ଭାଷା-ସାହିତ୍ୟ-ସଂସ୍କୃତିର ପରିଚୟ ଓ ପ୍ରତିଷ୍ଠା ଦିଗରେ ତତ୍ପର ଥିଲେ । ୧୮୩୫ ମସିହା କଥା । ଗଭର୍ଣ୍ଣର ଜେନେରାଲ-କାଉନ୍‌ସିଲର ଜଣେ ସଦସ୍ୟ ତଥା ପବ୍ଲିକ୍ ଇନ୍‌ଷ୍ଟ୍ରକସନ୍ କମିଟିର ସଭାପତି ଥିବା ଜଣେ ଲଢୁଆ ସଦସ୍ୟ-ଲର୍ଡ ମାକ୍‌ଲେ ଭାରତ ପରି ଭ୍ରମଣରେ ଆସିଲେ । ସେ ହିଁ ଇଂରେଜ ସାମ୍ରାଜ୍ୟବାଦୀ ନୀତିକୁ ସୁହାଇବା ଭଳି, ‘ଭାରତୀୟ ଶିକ୍ଷା ପଦ୍ଧତି’ର ଲକ୍ଷ୍ୟକୁ ନିର୍ଦ୍ଧାରଣ କରିଦେଲେ । ରାଜା ରାମମୋହନ ରାୟଙ୍କ ‘ଭାରତରେ ଇଂରେଜ ଭାଷାରେ ଶିକ୍ଷାଦାନ’ ପାଇଁ ଦାବି କରୁଥିଲେ । ତେଣୁ ଲର୍ଡ ମାକ୍‌ଲେ, ରାମମୋହନଙ୍କ ଭାଷଣର କୀୟଦଂଶ ଉଦ୍ଧାର କରି, ସେ ଭାରତୀୟଙ୍କୁ ଇଂରେଜଶିକ୍ଷା ଲାଭ ପାଇଁ ଆହ୍ୱାନ ଦେଲେ । ମାକ୍‌ଲେ ଏପରି ମଧ୍ୟ କହିଲେ ଯେ ‘ଭାରତୀୟମାନେ ଏବେ ବିନା ଫିସ୍‌ରେ ‘ଭାରତୀୟ ଭାଷା ଶିକ୍ଷା’ ପରିବର୍ତ୍ତେ ଇଂରେଜ ଶିକ୍ଷା ପାଇଁ ଆଗ୍ରହୀ ଓ ତତ୍ପର । ଅନେକ ପାଶ୍ଚାତ୍ୟ ବିଦ୍ୱାନ ଭାରତର ପ୍ରାଚୀନ ‘ସାହିତ୍ୟ-ସଂସ୍କୃତି ଶିକ୍ଷା କରିଥିଲେ ମଧ୍ୟ, ମାକ୍‌ଲେ ଏହାର ତୀବ୍ର ନିନ୍ଦା କରି ଏହାକୁ ‘ଅଜ୍ଞତାର ସ୍ତୁପ’ କହି ଆକ୍ଷେପ କରିଥିଲେ । ଆହୁରି ମଧ୍ୟ କହିଥିଲେ ଯେ, ଭାରତରେ ଶିକ୍ଷା ବିସ୍ତାର ନିମିତ୍ତ ମଞ୍ଜୁରିପ୍ରାପ୍ତ ସମସ୍ତ ଅର୍ଥ, କେବଳ ‘ଇଂରେଜୀ ସାହିତ୍ୟ-ସଂସ୍କୃତି-ବିଜ୍ଞାନ’ର ବିକାଶରେ ‘ଭାରତରେ ଏପରି ଏକ ଶିକ୍ଷିତ-ପ୍ରଭାବଶାଳୀ ଗୋଷ୍ଠୀ ସୃଷ୍ଟି ହୋଇପାରିବେ, ଯେଉଁମାନେ କେବଳ ଜନ୍ମ ଓ ବର୍ଣ୍ଣ ଦୃଷ୍ଟିରୁ ଭାରତୀୟ ହୋଇଥିବେ, ଅଥଚ ଚିନ୍ତା-ଚେତନା ତଥା ବ୍ୟବହାରିକ ଦୃଷ୍ଟିରୁ ଇଂରେଜ ଅଧିକାରୀଙ୍କ ଅନୁଗତ ଭାବରେ ଭାରତୀୟଙ୍କ ସ୍ୱାର୍ଥ ବିନିମୟରେ, ଇଂରେଜମାନଙ୍କ ସ୍ୱାର୍ଥ ସାଧନରେ ବ୍ୟାପୃତ ରହିବେ ।’ ଏଚ୍‌ଟି ପ୍ରିନ୍‌ସେପ୍‌ଙ୍କ ଭଳି ପ୍ରାଚ୍ୟ ବିଦ୍ୟାନୁରାଗୀଗଣ, ମାକଲେଙ୍କ ଶିକ୍ଷାନୀତିର ଘୋର ସମାଲୋଚନା କଲେ ମଧ୍ୟ ଦୀର୍ଘ ଦିନର ବିବାଦର ସମାପ୍ତି ଘଟାଇ, ଗଭର୍ଣ୍ଣର ଜେନେରାଲ-ଲର୍ଡ ବେଣ୍ଟିକ୍, ୧୮୩୫ ମସିହା-ଫେବୃଆରୀ-୨ ତାରିଖରେ ମାକ୍‌ଲେଙ୍କ ସୁପାରିଶକୁ ଗ୍ରହଣ କରିନେଲେ । ମାକ୍‌ଲେଙ୍କ ଶିକ୍ଷାନୀତି ଗୃହୀତ ହେବା ଫଳରେ ଭାରତରେ ଇୟୁରୋପୀୟ ଭାଷା, ସାହିତ୍ୟ-ଦର୍ଶନ, ବିଜ୍ଞାନର ଶିକ୍ଷାର ପ୍ରସାର ପ୍ରଚାର ପାଇଁ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରାଗଲା । ଲର୍ଡ ବେଣ୍ଟିକ୍‌ଙ୍କ ପରେ, ଚାର୍ଲସ୍ ମେଟକାଫ୍ ତଥା ତାଙ୍କ ପରେ ଅକଲ୍ୟାଣ୍ଡ ଭାରତରେ ଗଭର୍ଣ୍ଣର ଜେନେରାଲ ହେଲେ । ଏହାଙ୍କ ଅମଳରେ ବଙ୍ଗଳା ପ୍ରେସିଡେନ୍‌ସୀଙ୍କୁ ୯ଟି ଶିକ୍ଷା ଜିଲ୍ଲାରେ ବିଭକ୍ତ କରାଯାଇ ପ୍ରତି ଶିକ୍ଷା ଜିଲ୍ଲାରେ ଗୋଟିଏ ଲେଖା-ଜିଲ୍ଲା ସ୍କୁଲ ଖୋଲିଲା । ଏହା ସହିତ ବୋର୍ଡ ଅଫ୍ ଏଜୁକେସନ ଖୋଲିଲା । ଖ୍ରୀ ୧୮୦୪ ବେଳକୁ ଲର୍ଡ ହାଡିଞ୍ଜି, ଜାତିବର୍ଣ୍ଣ ନିର୍ବିଶେଷରେ ଇଂରେଜ ପଢୁଆଙ୍କୁ ସରକାରୀ ଚାକିରି ଦିଆଯିବ, ଘୋଷଣା ଫଳରେ ଭାରତରେ ଇଂରେଜ ଶିକ୍ଷାପ୍ରତି ପ୍ରବଳ ଆଗ୍ରହ ସୃଷ୍ଟି ହେଲା । ଲର୍ଡ ହାଡିଞ୍ଜିଙ୍କ ଅମଳରେ ଉଭୟ ସରକାରୀ ଓ ମିଶନାରୀଙ୍କ ଉଦ୍ୟମରେ ବହୁ ସଂଖ୍ୟକ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ଲାଭ କରିଥିଲା । ଖ୍ରୀ ୧୮୫୪ ବେଳକୁ ଭାରତରେ ଇଂରେଜ ଶିକ୍ଷା ବିସ୍ତାର କ୍ଷେତ୍ରରେ ଚାର୍ଲସ୍ ଉଡସ୍‌ଙ୍କ ନେତୃତ୍ୱରେ ଯେଉଁ ‘ବୈପ୍ଳବିକ ସଂସ୍କାର’ ଅଣାଗଲା ତାହା ‘ଉଡସ୍‌ଡେସ୍‌ପାଚ୍’ ନାମରେ ଜଣାଶୁଣା । ଏହା ଶିକ୍ଷାଦାନ କ୍ଷେତ୍ରରେ ‘ନବଯୁଗ’ ଆଣିଥିଲା । ଏଥିରେ ଶିକ୍ଷାକୁ କେବଳ ସରକାରୀ ଚାକିରି ନିମିତ୍ତ ସୀମାବଦ୍ଧ ନ ରଖି ଜୀବନର ବହୁବିଧ ବିକାଶ ସହିତ ଜଡିତ କରାଯାଇଥିଲା । ଶିକ୍ଷାପ୍ରତି ଆଗ୍ରହ ସୃଷ୍ଟି ନିମିତ୍ତ ଶିକ୍ଷାବୃତ୍ତି, ଶିକ୍ଷକ ପ୍ରଶିକ୍ଷଣ ବ୍ୟବସ୍ଥା, ଗ୍ରନ୍ଥାଳୟ, ବିଜ୍ଞାନଗାର, ବିଦ୍ୟାଳୟ ଗୃହ, ଖେଳ ପଡିଆ, ବିଜ୍ଞାନଗାର ଯନ୍ତ୍ରପାତି ତଥା ଆନୁସଙ୍ଗିକ ଆବଶ୍ୟକତା ପ୍ରତି ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ବଙ୍ଗଳାର ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ଭାରତୀୟ ଆଧୁନିକ ଶିକ୍ଷାକୁ ପୂର୍ଣ୍ଣାଙ୍ଗ କରବା ନିମିତ୍ତ ଭୂଗୋଳ, ଇତିହାସ ଜୀବନୀ ଚରିତ୍ର, ପାଟୀ ଗଣିତ, ଜ୍ୟାମିତି, ପଦାର୍ଥ ବିଜ୍ଞାନ, ଶରୀରତତ୍ତ୍ୱ ବିଷୟ ପଢାଯିବା ଉଚିତ ବୋଲି ଯୁକ୍ତି ବାଢିଥିଲେ ଇଂରେଜ ସରକାରଙ୍କ ନିକଟରେ । ସେ ପ୍ରାଥମିକ ଶିକ୍ଷାଯୋଜନାରେ ଯେଉଁ ପ୍ରସ୍ତାବ ଖ୍ରୀ ୧୮୫୩ରେ ଦେଇଥିଲେ ବଡଲାଟ୍‌ଙ୍କୁ ତାହା କେତେକାଂଶରେ ଗୃହୀତ ହୋଇଥିଲା ।

ତେବେ ‘ଉଡସ୍‌ଡେସ୍‌ପାଚ୍’ ଅନୁସାରେ ପ୍ରଥମେ ପ୍ରତ୍ୟେକ ପ୍ରଦେଶରେ ଗୋଟିଏ ଲେଖା ଡିପାର୍ଟମେଣ୍ଟ ଅଫ୍ ପବ୍ଲିକ୍ ଇନ୍‌ଷ୍ଟ୍ରକ୍‌ସନ୍ (ଡିପିଆଇ) ଅଫିସ୍ ଖୋଲିବା ସହିତ, ସେଥିରେ ଜଣେ ଜଣେ ଶିକ୍ଷା ନିର୍ଦ୍ଦେଶଙ୍କୁ ନିଯୁକ୍ତ କରାଯାଇ ତାଙ୍କ ଉପରେ ଶିକ୍ଷା ସଂପ୍ରସାରଣ ଦାୟିତ୍ୱ ଯାହା ନ୍ୟସ୍ତ କରାଗଲା । ଆଜି ଯାଏଁ ପ୍ରଚଳିତ ଅଛି । ସେହି ଅନୁସାରେ ସର୍ବପ୍ରଥମେ ବଙ୍ଗଳା-ମାଡ୍ରାସ-ବମ୍ବେ ଓ ପଞ୍ଜାବରେ ଗୋଟିଏ ଲେଖା ଶିକ୍ଷା ନିର୍ଦ୍ଦେଶାଳୟ ଖୋଲାଯାଇଥିଲା । ଉଦ୍‌ଯାପନୀରେ ଏତିକି କୁହାଯାଇପାରେ ଯେ ଖ୍ରୀ ୧୮୩୫ରେ ମାକ୍‌ଲେଙ୍କ ଶିକ୍ଷାନୀତି, ଖ୍ରୀ ୧୮୪୨ରେ ଅକ୍‌ଲ୍ୟାଣ୍ଡ ଓ ଖ୍ରୀ ୧୮୪୮ରେ ଲର୍ଡ ହାଡିଞ୍ଜିଙ୍କ ଶିକ୍ଷାୟତନ ପ୍ରତିଷ୍ଠା ସହିତ ଖ୍ରୀ ୧୮୫୩ରେ ‘ଉଡସ୍ ଡେସ୍‌ପାଚ୍’ ପ୍ରବର୍ତ୍ତନ ଫଳରେ ଓଡ଼ିଶାରେ ଆଧୁନିକ ପାଠ୍ୟପୁସ୍ତକର ଜନକ ବୋଲାଉଥିବା ଭକ୍ତକବି ମଧୁସୂଦନଙ୍କ ବେଳକୁ, ବଙ୍ଗଳା ପ୍ରେସିଡେନ୍‌ସୀ ଅନ୍ତର୍ଗତ, ଓଡ଼ିଶା ଡିଭିଜନ (କଟକ-ପୁରୀ-ବାଲେଶ୍ୱର)ରେ ଇଂରେଜ ସରକାର, ଆଧୁନିକ ଜ୍ଞାନବିଜ୍ଞାନମୂଳକ ଶିକ୍ଷାର ଭିତ୍ତିପ୍ରସ୍ତର ସ୍ଥାପନ କରିସାରିଥିଲେ

(କ୍ରମଶଃ)

Printed & Published by **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy**
E-mail : sambadkalikanews@gmail.com/sambadkalikaa@yahoo.com City Office : Plot No.354, Saheed Nagar
ସମ୍ପାଦକ : **ଜୟାଶୀଷ ରାୟ**